ସର୍ଦ୍ଦାର ସୋମା ସିଂହ ଏବଂ ଅନ୍ୟମାନେ

*ବନାମ.*

ପେପ୍ସୁ  ରାଜ୍ୟ ଏବଂ ଭାରତ ସଂଘ ।

[ମୁଖ୍ୟ ନ୍ୟାୟାଧୀଶ ମେହେର ଚାନ୍ଦ୍ ମହାଜନ, ମୁଖାର୍ଜୀଆ, ଏସ୍. ଆର୍. ଦାସ, ଭିଭିଆନ୍ ବୋଷ ଏବଂ ଗୁଲାମ ହାସନ୍, ନ୍ୟାୟାଧୀଶବୃନ୍ଦ]

*1954*
*ମାର୍ଚ୍ଚ 11.*

*ଭାରତର ସମ୍ବିଧାନ, ଅନୁଚ୍ଛେଦ 286(3) - ପଟିଆଲା ଏବଂ ପୂର୍ବ ପଞ୍ଜାବ ରାଜ୍ୟ ସଂଘ ସାଧାରଣ ବିକ୍ରୟ ଟିକସ ଅଧ୍ୟାଦେଶ, 2006 (2006 ର XXXIII)- ସମ୍ବିଧାନକୁ କ୍ଷମତାତୀତ କରେ କି ?*

ନିର୍ଣ୍ଣୟ ନିଆଗଲା ଯେ, 1949 ମସିହା ନଭେମ୍ବର 6ରେ ଘୋଷିତ ପଟିଆଲା ଏବଂ ପୂର୍ବ ପଞ୍ଜାବ ରାଜ୍ୟ ସଂଘ ସାଧାରଣ ବିକ୍ରୟ ଟିକସ ଅଧ୍ୟାଦେଶ, 2006 (2006ରେ ସଂଖ୍ୟା  XXXIII) ସମ୍ବିଧାନର *ଅନୁଚ୍ଛେଦ 286(3)କୁ* କ୍ଷମତାତୀତ କରେନାହିଁ ।

ଅନୁଚ୍ଛେଦର 286ରେ ଖଣ୍ଡ (3) ଏକ ସମ୍ବିଧାନ ପରବର୍ତ୍ତୀ ଆଇନର ବିଚାର କରେ ଯେ, ଏହା ଏକ "ରାଜ୍ୟର ବିଧାନମଣ୍ଡଳ" ଦ୍ୱାରା ପ୍ରସ୍ତୁତ ଏକ ଆଇନ ଯାହାକି ସମ୍ବିଧାନ ଦ୍ୱାରା ସୃଷ୍ଟି ହୋଇଥିବା ରାଜ୍ୟର ବିଧାନମଣ୍ଡଳକୁ ସୂଚିତ କରିବ |

ମୂଳ ଅଧିକାରିତା : ଆବେଦନ ସଂଖ୍ୟା 325/1953 ।

ମୌଳିକ ଅଧିକାରର ପ୍ରବର୍ତ୍ତନ ପାଇଁ  ସର୍ବୋଚ୍ଚ ନ୍ୟାୟାଳୟରେ ଭାରତର ସମ୍ବିଧାନର ଅନୁଚ୍ଛେଦ- 32 ଅନୁଯାୟୀ ଏହି ଆବେଦନ ।

ଆବେଦନକାରୀଙ୍କ ପାଇଁ *ଏସ୍. ପି. ସିହ୍ନା (ତାଙ୍କ ସହିତ ବକ୍ସି ମାନ୍ ସିଂ)* ।

ଉତ୍ତରଦାତା ସଂଖ୍ୟା 1ଙ୍କ ପାଇଁ *ଭାରତର ସଲିସିଟର-ଜେନେରାଲ, ସି. କେ. ଡାଫଂତାରି ଏବଂ ଜେ. ଏନ୍. କୌଶଲ ( ସେମାନଙ୍କ ସହିତ ପି. ଜି. ଗୋଖଲେ) ।*

ଉତ୍ତରଦାତା ସଂଖ୍ୟା 2ଙ୍କ ପାଇଁ *ଭାରତର ସଲିସିଟର-ଜେନେରାଲ, ସି. କେ. ଡାଫଂତାରି (ସେମାନଙ୍କ ସହିତ ପୋରସ୍ ଏ. ମେହେଟ୍ଟା ଏବଂ ପି. ଜି. ଗୋଖଲେ)* ।

ନ୍ୟାୟମୂର୍ତ୍ତି ଦାସଙ୍କ ଦ୍ୱାରା 1954 ମସିହା ମାର୍ଚ୍ଚ 11ରେ ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଗଲା -

ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ ଏହି ନ୍ୟାୟାଳୟରେ ଦାୟର ହୋଇଥିବା ଆବେଦନରେ ଉତ୍ଥାପନ ହୋଇଥିବା ଏକ ସଂକ୍ଷିପ୍ତ ପ୍ରସଙ୍ଗ ହେଉଛି ପଟିଆଲା ଏବଂ ପୂର୍ବ ପଞ୍ଜାବ

1954
ସର୍ଦ୍ଦାର ସୋମା ସିଂହ ଏବଂ ଅନ୍ୟମାନେ ବନାମ. ପେପ୍ସୁ ରାଜ୍ୟ ଏବଂ ଭାରତ ସଂଘ.
ନ୍ୟାୟାଧୀଶ ଦାସ

ରାଜ୍ୟ ସଂଘ ସାଧାରଣ ବିକ୍ରୟ ଟିକସ ଅଧ୍ୟାଦେଶ, 2006 ( 2006 ର ସଂଖ୍ୟା XXXIII) ଯାହା 1949 ମସିହା 6 ନଭେମ୍ବରରେ ଘୋଷିତ ହୋଇଥିଲା, ତାହା ସମ୍ବିଧାନ କାର୍ଯ୍ୟକାରୀ ହେବା ତାରିଖ ଠାରୁ ଅସିଦ୍ଧ ହୋଇଯାଇଛି କି ।

ଭାରତୀୟ ସମ୍ବିଧାନର ଅନୁଚ୍ଛେଦ-286 (3) ନିମ୍ନମତେ ଦର୍ଶାଇଥାଏ -

"286 (3) ସଂସଦର ଆଇନ ଦ୍ୱାରା ସାମାଜିକ ଜୀବନ ପାଇଁ ଅତ୍ୟାବଶ୍ୟକ ବୋଲି ଘୋଷଣା କରାଯାଇଥିବାପରି କୌଣସି ଦ୍ରବ୍ୟ ଉପରେ ଏକ ବିକ୍ରୟ ଓ କ୍ରୟ ଟିକସ ଲାଗୁ କରିବା କିମ୍ବା ଲାଗୁ କରିବା ପାଇଁ ପ୍ରାଧିକୃତ କରିବା ନିମିତ୍ତ ଏକ ରାଜ୍ୟର ବିଧାନମଣ୍ଡଳ ଦ୍ୱାରା ପ୍ରଣୀତ କୌଣସି ଆଇନ ପ୍ରଭାବଶାଳୀ ହେବ ନାହିଁ ଯେ ପର୍ଯ୍ୟନ୍ତ ଏହା ରାଷ୍ଟ୍ରପତିଙ୍କ ବିଚାର ପାଇଁ ସଂରକ୍ଷିତ ହୋଇ ନାହିଁ ଏବଂ ତାଙ୍କର ସମ୍ମତି ମିଳିନାହିଁ ।"

ଅତ୍ୟାବଶ୍ୟକ ସାମଗ୍ରୀ (ବିକ୍ରୟ କିମ୍ବା କ୍ରୟ ଉପରେ ଟିକସର ଘୋଷଣା ଏବଂ ନିୟନ୍ତ୍ରଣ) ଅଧିନିୟମ, 1952 (କେନ୍ଦ୍ରୀୟ ଅଧିନିୟମ ସଂଖ୍ୟା  1952ର LII.) କେତେକ ନିର୍ଦ୍ଦିଷ୍ଟ ଦ୍ରବ୍ୟକୁ ସାମାଜିକ ଜୀବନ ପାଇଁ ଅତ୍ୟାବଶ୍ୟକ ବୋଲି ଘୋଷଣା କରିଥିଲା । ଅଧିନିୟମରେ ସଂଲଗ୍ନ ଅନୁସୂଚୀର ପ୍ରସଙ୍ଗ 8ରେ "ହସ୍ତତନ୍ତରେ ବୁଣାଯାଇଥିବା ସମସ୍ତ କପଡା, କଳରେ ତିଆରି ଖଦଡ ଏବଂ ମଧ୍ୟମ ସୂତାର କପଡା କିମ୍ବା ଶକ୍ତିଚାଳିତ ତନ୍ତରେ ବୁଣାଯାଇଥିବା କପଡା ସହିତ ଜଡିତ | ଏହି  ସମାନ ଅଧିନିୟମର ଧାରା 3ରେ ନିମ୍ନମତେ ପ୍ରାବଧାନ ରଖାଯାଇଛି  -

"3. ଅତ୍ୟାବଶ୍ୟକ ସାମଗ୍ରୀର ବିକ୍ରୟ କିମ୍ବା କ୍ରୟ ଉପରେ ଟିକସ ନିୟନ୍ତ୍ରଣ: - ଏହି ଅଧିନିୟମ ଦ୍ୱାରା ସାମାଜିକ ଜୀବନ ପାଇଁ ଅତ୍ୟାବଶ୍ୟକ ବୋଲି ଘୋଷଣା କରାଯାଇଥିବାପରି କୌଣସି ଦ୍ରବ୍ୟ ଉପରେ ଏକ ବିକ୍ରୟ ଓ କ୍ରୟ ଟିକସ ଲାଗୁ କରିବା କିମ୍ବା ଲାଗୁ କରିବା ପାଇଁ ପ୍ରାଧିକୃତ କରିବା ନିମିତ୍ତ ଏକ ରାଜ୍ୟର ବିଧାନମଣ୍ଡଳ ଦ୍ୱାରା ପ୍ରଣୀତ କୌଣସି ଆଇନ ଏହି ଅଧିନିୟମ ଲାଗୁ ହେବା ପରେ କରାଯାଇଥିବା କୌଣସି ଆଇନ ପ୍ରଭାବଶାଳୀ ହେବ ନାହିଁ ଯେ ପର୍ଯ୍ୟନ୍ତ ଏହା ରାଷ୍ଟ୍ରପତିଙ୍କ ବିଚାର ପାଇଁ ସଂରକ୍ଷିତ ହୋଇ ନାହିଁ ଏବଂ ତାଙ୍କର ସମ୍ମତି ମିଳିନାହିଁ ।"

ଆବେଦନକାରୀମାନେ ମୋଟା କପଡା ଓ ମଧ୍ୟମ କପଡା ବ୍ୟବସାୟୀ ଅଟନ୍ତି ଏବଂ ସେମାନଙ୍କର ଯୁକ୍ତି ହେଉଛି ଯେ ଏହି ଦ୍ରବ୍ୟଗୁଡିକ ସାମାଜିକ ଜୀବନ ପାଇଁ ଅତ୍ୟାବଶ୍ୟକ ବୋଲି ଘୋଷଣା କରାଯାଇଥିବାରୁ ସେଗୁଡିକ ଉପରେ ବିକ୍ରୟ ଟିକସ ଦେବାକୁ ସେମାନେ ଦାୟୀ ନୁହଁନ୍ତି । ଏହି ଆବେଦନରେ ଅଭିଯୋଗ କରାଯାଇଛି ଯେ 1952ର LII. ଅଧିନିୟମର ଧାରା 3

1954
ସର୍ଦ୍ଦାର ସୋମା ସିଂହ ଏବଂ ଅନ୍ୟମାନେ
ବନାମ.
ପେପ୍ସୁ ରାଜ୍ୟ ଏବଂ ଭାରତ ସଂଘ.
ନ୍ୟାୟାଧୀଶ ଦାସ

ସମ୍ବିଧାନର ଅନୁଚ୍ଛେଦ 286 (3) ର ସିଧାସଳଖ ଉଲ୍ଲଂଘନ କରୁଛି । ଏହି ଯୁକ୍ତିରେ କୌଣସି ସାରମର୍ମ ଥିବା ପରି ମନେ ହେଉନାହିଁ । ଧାରା 3, ଅନୁଚ୍ଛେଦ 286(3)ର ଅନୁରୂପ ଏବଂ ସେହି ଧାରା ଓ ସମ୍ବିଧାନର ପ୍ରାସଙ୍ଗିକ ବ୍ୟବସ୍ଥା ମଧ୍ୟରେ କୌଣସି ଅସଙ୍ଗତି ନାହିଁ । ଆବେଦନକାରୀଙ୍କୁ 2006 ର ଅଧ୍ୟାଦେଶ XXXIII ଅନୁଯାୟୀ ଟିକସ ଦେବାକୁ କୁହାଯାଇଅଛି, ଯାହା ଏକ ବିଦ୍ୟମାନ ଆଇନ ; ଯାହା ଅନୁଚ୍ଛେଦ 372 ଦ୍ୱାରା ଜାରି ରଖାଯାଇଛି । ପ୍ରଶ୍ନ ହେଉଛି ଯେ ସେହି ଅଧ୍ୟାଦେଶଟି ଅନୁଚ୍ଛେଦ 286(3)ର ପ୍ରାବଧାନଗୁଡ଼ିକୁ ଉଲ୍ଲଂଘନ କରୁଛି କି କିମ୍ବା କୌଣସି କ୍ଷମତାପନ୍ନ ବ୍ୟବସ୍ଥାପିକା କର୍ତ୍ତୃପକ୍ଷଙ୍କ ଦ୍ୱାରା ସେବେଠାରୁ ପରିବର୍ତ୍ତନ ହୋଇଛି କି କିମ୍ବା ପ୍ରତ୍ୟାହାର କରାଯାଇଛି କି କିମ୍ବା ସଂଶୋଧନ କରାଯାଇଛି କି । ଏହା ସ୍ପଷ୍ଟ ଯେ 1952ର ଅଧିନିୟମ LII.ର ଧାରା 3 ଅଧ୍ୟାଦେଶକୁ ପ୍ରଭାବିତ କରେ ନାହିଁ, କାରଣ ସେହି ଅଧ୍ୟାଦେଶଟି ଉକ୍ତ ଅଧିନିୟମର ଲାଗୁ ହେବା ପରେ ପ୍ରଣୟନ କରାଯାଇନଥିଲା । ତେଣୁ ଏକମାତ୍ର ପ୍ରଶ୍ନ ହେଉଛି ଏହି ଅଧ୍ୟାଦେଶ ସମ୍ବିଧାନର ଅନୁଚ୍ଛେଦ 286ରେ ଖଣ୍ଡ (3)ର ବିରୋଧ କରେ କି ? ସେହି ଖଣ୍ଡର ଅନୁଧ୍ୟାନ ତୁରନ୍ତ ସୂଚିତ କରିବ ଯେ ସେହି ଖଣ୍ଡଟି ସମ୍ବିଧାନର ପରବର୍ତ୍ତୀ ଏକ ଆଇନକୁ ବିଚାର କରେ, କାରଣ ଏହା ଏକ "ରାଜ୍ୟର ବିଧାନମଣ୍ଡଳ" ଦ୍ୱାରା ପ୍ରସ୍ତୁତ ଏକ ଆଇନ ହେବା ଜରୁରୀ ଯାହାକି ସମ୍ବିଧାନ ଦ୍ୱାରା ସୃଷ୍ଟି ହୋଇଥିବା ରାଜ୍ୟର ବିଧାନମଣ୍ଡଳକୁ ସୂଚିତ କରିବ | ଏହାଛଡା ଅଧିକ ଗୁରୁତ୍ୱପୂର୍ଣ୍ଣ ଯେ ଏହା ଏକ ଆଇନ ଉପରେ ବିଚାର କରେ ଯାହା ରାଷ୍ଟ୍ରପତିଙ୍କ ବିଚାର ପାଇଁ ସଂରକ୍ଷିତ କରାଯିବ କିନ୍ତୁ ସଂରକ୍ଷିତ କରାଯାଇନାହିଁ ଏବଂ ତାଙ୍କର ସମ୍ମତି ଗ୍ରହଣ କରିନାହିଁ | ଏହି ପ୍ରାବଧାନଟି ସ୍ପଷ୍ଟ ଭାବରେ ସମ୍ବିଧାନ ପରବର୍ତ୍ତୀ ଆଇନକୁ ସୂଚିତ କରେ, କାରଣ ଅନୁଚ୍ଛେଦ- 372 ଦ୍ୱାରା ଚାଲୁ ରହିଥିବା ଏକ ବିଦ୍ୟମାନ ଆଇନ ରାଷ୍ଟ୍ରପତିଙ୍କ ସମ୍ମତି ଗ୍ରହଣର ବିଚାର ପାଇଁ ସଂରକ୍ଷିତ ରଖାଯିବାର କୌଣସି ପ୍ରଶ୍ନ କରାଯାଇପାରିବ ନାହିଁ । ଯେହେତୁ ଆମେ ଏହି ଆବେଦନରେ ଏକ ସମ୍ବିଧାନ ପୂର୍ବ ଆଇନ ସହିତ ସମ୍ପୃକ୍ତ, ସମ୍ବିଧାନ ଲାଗୁ ହେବା ପରେ କିନ୍ତୁ 1952ର LII ଅଧିନିୟମ କାର୍ଯ୍ୟକାରୀ ହେବା ପୂର୍ବରୁ ତିଆରି ହୋଇଥିବା ଆଇନର ବୈଧତା କିମ୍ବା ଅନ୍ୟ ବିଷୟରେ କୌଣସି ମତ ପ୍ରକାଶ କରିବା ଆମ ପାଇଁ ଆବଶ୍ୟକ ନୁହେଁ ।

ତେଣୁ ଏହାର ପରିଣାମ ଏହିକି ଯେ ଏହି ଆବେଦନରେ କୌଣସି ସାରମର୍ମ ନାହିଁ ଏବଂ ଆମେ ଏହାକୁ ଖର୍ଚ୍ଚ ସହିତ ଖାରଜ କରୁଛୁ ।

*ଆବେଦନକୁ ଖାରଜ କରାଗଲା ।*

ଆବେଦନକାରୀଙ୍କ ପାଇଁ : *ସର୍ଦ୍ଦାର ସିଂହ।*

ଉତ୍ତରଦାତା ସଂଖ୍ୟା 2ଙ୍କ ପାଇଁ *ଆର୍. ଏଚ୍. ଢେବର ।*

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***

ରାମଚନ୍ଦ୍ର ସାହୁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।